# NATIONAL NEWS BULLETIN (ODIA)

**6 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲ୍‌ର ରିଓ ଡି ଜେନେରିଓଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

- ଶ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଲେ ପ୍ରବାସୀ ଭାରତୀୟ ।

- ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ।

- ପଶୁକାମୁଡା ଜନିତ ସଂକ୍ରମଣ ନେଇ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପଶୁ ସଂକ୍ରମଣଜନିତ ରୋଗ ନିରାକରଣ ଦିବସ ।

- ଆମେରିକାର ଟେକ୍ସାସ୍‌ରେ ଲଗାଣ ବର୍ଷାଜନିତ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ୫୧କୁ ବୃଦ୍ଧି ।

ଏବଂ

- ଏଜ୍‌ବାଷ୍ଟନ ଟେଷ୍ଟରେ ଦୃଢ଼ ସ୍ଥିତିରେ ଭାରତ ।

- ମ୍ୟାଚ୍‌କୁ ଜିତିବାପାଇଁ ଇଂଲଣ୍ଡ ୫୩୬ ରନ୍ ଏବଂ ଭାରତ ଆବଶ୍ୟକ କରୁଛି ୭ଟି ୱିକେଟ୍ ।

# ପିଏମ୍‌-ବ୍ରାଜିଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ତମ ବ୍ରିକ୍‌ସ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲ୍‌ର ରିଓ ଡି ଜେନେରିଓଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଭାରତ ଏବଂ ବ୍ରାଜିଲ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ସହଭାଗିତା ନେଇ ରାଷ୍ଟ୍ରପତି ଲୁଇସ୍‌ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ଆଲୋଚନା କରିବେ । ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ପ୍ରସଙ୍ଗ ଏଥିରେ ଅନ୍ତର୍ଭୁକ୍ତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ବ୍ରାଜିଲକୁ ଏହା ଚତୁର୍ଥ ଗସ୍ତ । ପ୍ରବାସୀ ଭାରତୀୟ ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି ।

**V/O (Sudhindra)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଗତ ୫୭ ବର୍ଷ ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଦ୍ୱିପାକ୍ଷିକ ଆର୍ଜେଣ୍ଟିନା ଗସ୍ତ ଥିଲା । ଉଭୟ ନେତାଙ୍କ ମଧ୍ୟରେ ବୈଠକ ପରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ହୋଇଥିଲା । ଆଲୋଚନାରେ ବ୍ୟବସାୟ ଓ ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟ ଏବଂ ଔଷଧ ସମେତ ପ୍ରମୁଖ କ୍ଷେତ୍ର ଗୁଡ଼ିକର ସହଯୋଗ ବୃଦ୍ଧିକରିବା ଏବଂ ଦୁଇଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଲାଗି ସହମତି ପ୍ରକାଶ ପାଇଥିଲା ।

## ପିଏମ୍-ଶ୍ୟାମାପ୍ରସାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ଚିନ୍ତାନାୟକ ଏବଂ ଶିକ୍ଷାବିତ୍ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ଜନ୍ମବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଡକ୍ଟର ମୁଖାର୍ଜୀ ଦେଶର ସମ୍ମାନ, ମର୍ଯ୍ୟାଦା ଏବଂ ଗୌରବ ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣରେ ଡକ୍ଟର ମୁଖାର୍ଜୀଙ୍କର ଆଦର୍ଶ ଓ ନୀତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବୈଷ୍ଣବ ଶ୍ୟାମାପ୍ରସାଦ

ରେଳ ଚଳାଚଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀଠାରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି । ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ସାଂସଦ ମନୋଜ ତିୱାରୀ, ବାଂସୁରୀ ସ୍ୱରାଜ ଏବଂ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଭାରତୀୟ ଭାଷାର ଗୁରୁତ୍ୱ ଏବଂ ମହନୀୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ ଡକ୍ଟର ମୁଖାର୍ଜୀଙ୍କ ଅବଦାନକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସ୍ମରଣ କରିଛନ୍ତି । ମନ୍ତ୍ରୀ କହିଛନ୍ତି ସରକାରଙ୍କର ନୂତନ ଶିକ୍ଷାନୀତି ଡକ୍ଟର ମୁଖାର୍ଜୀଙ୍କର ଦୂରଦୃଷ୍ଟିର

ପ୍ରତିଫଳନ ଥିଲା । ଭାରତୀୟ ଭାଷାର ସଂରକ୍ଷଣ, ଉତ୍ଥାନ ଏବଂ ଉନ୍ନତି ଦିଗରେ ଡକ୍ଟର ମୁଖାର୍ଜୀ ବହୁମୁଖୀ ଉଦ୍ୟମ କରିଥିଲେ । ଜାମ୍ମୁ କାଶ୍ମୀରରୁ ୩୭୦ଧାରା ଉଚ୍ଛେଦ ହେବା ବାବଦରେ ଡକ୍ଟର ମୁଖାର୍ଜୀଙ୍କର ସ୍ୱର ଶାଣିତ ଥିଲା ବୋଲି ମନ୍ତ୍ରୀ ଏହି ଅବସରରେ ମନେ ପକାଇଛନ୍ତି ।

## ଜୁନୋଟିକ୍ ଡିଜିଜେସ୍ ପ୍ରିଭେସନ ଡେ

ପଶୁ କାମୁଡ଼ା ଜନିତ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପଶୁ ସଂକ୍ରମଣଜନିତ ରୋଗ ନିରାକରଣ ଦିବସ ପାଳନ କରାଯାଉଛି । ଭାରତୀୟ ଆର୍ୟୁବିଜ୍ଞାନ ଅନୁସନ୍ଧାନ ପରିଷଦ କହିଛି କୁକୁର କାମୁଡ଼ା ଜନିତ ରୋଗ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାର ନିରାକରଣ ନିମନ୍ତେ ୨୦୩୦ ସୁଦ୍ଧା ଭାରତ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଉପରେ ଅଗ୍ରସର ହେଉଛି । ଭାରତୀୟ ଆର୍ୟୁବିଜ୍ଞାନ ଅନୁସନ୍ଧାନ ପରିଷଦ କହିଛି ପ୍ରତିବର୍ଷ ଭାରତରେ ୯ ଦଶମିକ ୧ ମିଲିୟନ ପଶୁ କାମୁଡ଼ା ଜନିତ ରୋଗ ଦେଖିବାକୁ ମିଳୁଛି । ୮୦ ପ୍ରତିଶତ କୁକୁରକାମୁଡ଼ାରେ ଶିକାର ହୋଇଥିବା ରୋଗୀଙ୍କୁ ଟୀକା ଦିଆଯାଇ ପାରୁଛି । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା କୁକୁର କାମୁଡାରୁ ଲୋକମାନଙ୍କୁ ସତର୍କ କରାଇବା ଏବଂ ଏ ଦିଗରେ ବହୁଳ ଜନ ସଚେତନତା ସୃଷ୍ଟି କରାଯାଇପାରିଲେ ଏହି ରୋଗକୁ ନିରାକରଣ

କରାଯାଇପାରିବ । ଏକ ସର୍ଭେରୁ ଜଣାଯାଇଛି ଜନ୍ମରୁ ୧୪ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପଶୁକାମୁଡ଼ା ଜନିତ ରୋଗ ବୃଦ୍ଧି ପାଇବା ଜଣାଯାଇଛି ।

## ପିଏମ୍-ଦଲାଇଲାମା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିବତର ଧର୍ମଗୁରୁ ତଥା ନୋବେଲ ବିଜେତା ଦଲାଇଲାମାଙ୍କର ୯୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କୁ ଦେଶର ୧୪୦କୋଟି ଜନତାଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ଦଲାଇଲାମା ହେଉଛନ୍ତି, ପ୍ରେମ, ଅନୁକମ୍ପା, ଧୈର୍ଯ୍ୟ ଓ ନୈତିକ ଶୃଙ୍ଖଳାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି । ପ୍ରଧାନମନ୍ତ୍ରୀ ଦଲାଇଲାମାଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଛନ୍ତି ।

## ପିଏମ୍-ଆଶୁରା

ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଶ୍ରଦ୍ଧା ଏବଂ ନିଷ୍ଠାର ସହିତ ଆଶୁରା-ଏ-ମୋହରମ ପାଳନ କରାଯାଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ୍ ହୁସେନ ଏବଂ ତାଙ୍କ ସାଥୀଙ୍କ ସହିଦ ସ୍ମୃତି ପାଳନ ଅବସରରେ ଏହି ଦିବସ ଆଜି ପାଳନ କରାଯାଉଛି । କର୍ବଲାରେ ସତ୍ୟ,

ଧାର୍ମିକତା ଏବଂ ନ୍ୟାୟକୁ ବଜାୟ ରଖିବା ପାଇଁ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ଏହି ଅବସରରେ ଦେଶର ବିଭିନ୍ନ ଅଞ୍ଚଳରେ ଆଜି କାଜିଆ ଶୋଭାଯାତ୍ରା ବାହାର କରାଯାଉଛି । ଶହୀଦଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରିବା ଅବସରରେ ଧାର୍ମିକ ସଭା ମାନ ଆୟୋଜନ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହଜରତ ଇମାମ ହୁସେନଙ୍କ ବଳିଦାନକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ହଜରତ ଇମାମ୍ ହୁସେନଙ୍କର ଜୀବନାଦର୍ଶ ପ୍ରତିକୂଳ ପରିସ୍ଥିତିରେ ସତ୍ୟକୁ ବଜାୟ ରଖିବା ପାଇଁ ପ୍ରେରଣା ଯୋଗାଇଥାଏ ।

## ଟେକ୍ସସ ଫ୍ଲଡ୍ସ

ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ ସହରାଞ୍ଚଳରେ ଲଗାଣ  ବର୍ଷାଜନିତ ବନ୍ୟା ପରିସ୍ଥିତି ଯୋଗୁଁ ୫୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ୨୭ଜଣ ବାଳିକା ଏବେବି ନିଖୋଜ ଥିବା ଜଣାଯାଇଛି ।  ମୃତକଙ୍କ ମଧ୍ୟରେ ୧୭ ଜଣ ଶିଶୁ ଅଛନ୍ତି । ସହରବାସୀ ଶୋଇଥିବା ସମୟରେ ସମୀପବର୍ତ୍ତୀ ଗ୍ୱାଡାଲୁପ ନଦୀର ଜଳସ୍ତର ୩ ଘଣ୍ଟା ମଧ୍ୟରେ ୩୦ଫୁଟ ବୃଦ୍ଧି ପାଇଥିଲା । ଅଦ୍ୟାବଧି ୮୫୦ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇପାରିଛି । ଏହିସବୁ ଅଞ୍ଚଳରେ ଅଧିକ ବର୍ଷା ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବନ୍ୟା ପରିସ୍ଥିତି ହେତୁ ଭ୍ରାମ୍ୟମାଣ ଘର,

ଗ୍ରୀଷ୍ମ ଶିବିର ଏବଂ ବିଭିନ୍ନ ଶିବିର ସ୍ଥଳୀଗୁଡ଼ିକ ବିଶେଷଭାବରେ କ୍ଷତିଗ୍ରସ୍ତ ହୋଇଛି । ଟେକ୍ସାସର ଗଭର୍ଣ୍ଣର ଗ୍ରେଗ୍ ଆବର୍ଟ ଏହି ଅଭାବନୀୟ ପରିସ୍ଥିତିକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଅଭିହିତ କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ତାଙ୍କ ପ୍ରଶାସନ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ମିଳିତ ଭାବେ ଏଭଳି ଜରୁରୀ ପରିସ୍ଥିତିକୁ ମୁକାବିଲା ନେଇ କାର୍ଯ୍ୟ କରୁଛନ୍ତି ।

## ଆଷାଢ଼ ଏକାଦଶୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପବିତ୍ର ଆଷାଢ଼ ଏକାଦଶୀ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ଆଜିର ପବିତ୍ର ଦିନରେ ଭଗବାନ ବିଠଲଙ୍କୁ ପୂଜାର୍ଚ୍ଚନା କଲେ ଅହେତୁକ ଆଶୀର୍ବାଦ ମିଳିଥାଏ । ଭଗବାନ ବିଠଲ ସମାଜରେ ସୁଖ, ଶାନ୍ତି ଏବଂ ପ୍ରାଚୂର୍ଯ୍ୟ ଆଣିଦିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଗରିବ ଜନତା ଏବଂ ଦୁସ୍ଥ ବ୍ୟକ୍ତିମାନଙ୍କୁ ସେବା ଓ ସାହାଯ୍ୟ ଯୋଗାଇଦେବାକୁ ଆଶାବ୍ୟକ୍ତ କରିଛନ୍ତି ।

# କୈଳାସ ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରା ୨୦୨୫ର ପ୍ରଥମ ଦଳ ଗତକାଲି ଉତ୍ତରାଖଣ୍ଡର ପିଥୋରାଗଡରେ ପହଞ୍ଚିଥିଲେ । କୁମାୟୁଁ ମଣ୍ଡଳ ବିକାଶ ନିଗମ ଅତିଥି ଭବନରେ ସେନା ଏବଂ ପ୍ରଶାସନିକ ଅଧିକାରୀ ଏହି ତୀର୍ଥଯାତ୍ରୀ ଦଳର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ପାରମ୍ପରିକ ଚୋଲିଆ ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତୀର୍ଥଯାତ୍ରୀଙ୍କ ମଧ୍ୟରେ ଏହି ଯାତ୍ରା ନେଇ ଉତ୍ସାହ ପରିଲକ୍ଷିତ ହୋଇଛି । ଭାରତୀୟ କ୍ଷେତ୍ର ମଧ୍ୟରେ କୁମାୟୁଁ ମଣ୍ଡଳ ବିକାଶ ନିଗମ ଦ୍ୱାରା ତୀର୍ଥଯାତ୍ରୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭାରତ-ତିବତ୍ତୀୟ ସୀମା ପୁଲିସ ଲିପୁଲେଖ ଘାଟ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବ । ଏହି ତୀର୍ଥଯାତ୍ରୀ ଦଳଙ୍କ ସହିତ ପ୍ରଥମଥର ପାଇଁ ଜଣେ ଡାକ୍ତର ଏବଂ ରୋଷେୟାଙ୍କୁ ମିଶାଇ ଏକ ୫ଜଣିଆ ଦଳ ଏହି ୧୮ଦିନିଆ ଯାତ୍ରାରେ ଯାଉଛନ୍ତି । ପ୍ରଥମ ଦଳରେ ବିଭିନ୍ନ ରାଜ୍ୟର ୪୫ଜଣ ତୀର୍ଥଯାତ୍ରୀ ଅଛନ୍ତି । ସେମାନଙ୍କ ମଧ୍ୟରେ ୩୨ଜଣ ପୁରୁଷ ଏବଂ ୧୩ଜଣ ମହିଳା ଅନ୍ତର୍ଭୁକ୍ତ । କୋଭିଡ-୧୯ ମହାମାରୀ ଯୋଗୁଁ ୫ ବର୍ଷ ଧରି ସ୍ଥଗିତ ରହିଥିବା ଏହି ପବିତ୍ର ତୀର୍ଥଯାତ୍ରା ପୁଣିଥରେ ଆରମ୍ଭ ହୋଇଛି ।

# କ୍ରିକେଟ୍

ଏଜ୍‌ବାଷ୍ଟନ ଟେଷ୍ଟରେ ଭାରତ ଏପର୍ଯ୍ୟନ୍ତ ଏକ ଦୃଢ଼ ସ୍ଥିତିରେ ରହିଛି । ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଏହି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଅନ୍ତିମ ତଥା ପଞ୍ଚମ ଦିବସର ଖେଳ ଭାରତୀୟ ସମୟ ଅପରାହ୍ଣ ସାଢ଼ ୩ଟା ବେଳେ ଆରମ୍ଭ ହେବ । ଇଂଲଣ୍ଡ ଗତକାଲିର ସ୍କୋର ୩ ଓ୍ୱିକେଟ୍‌ରେ ୭୨ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଦଳପକ୍ଷରୁ ଓଲି ପୋପ୍ ୨୪ରନ୍ ଏବଂ ହାରି ବ୍ରୁକ୍ ୧୫ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଭାରତ ତା'ର ଦ୍ୱିତୀୟ ଇନିଂସ୍‌ରେ ୭ ଓ୍ୱିକେଟ୍ ୪୨୭ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଏଥିସହ ଇଂଲଣ୍ଡ ସମ୍ମୁଖରେ ୬୦୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହି ମ୍ୟାଚ୍‌କୁ ଜିତିବା ପାଇଁ ଇଂଲଣ୍ଡ ୫୩୬ରନ୍ କରିବାକୁ ଥିବାବେଳେ ଭାରତ ୭ଟି ଓ୍ୱିକେଟ୍ ଆବଶ୍ୟକ କରୁଛି ।